بسم الله الرحمن الرحيم

**ଖୁତବା ଜୁମା ୧୭ ଜାନୁୟାରୀ ୨୦୨୦ର ସାରାଂଶ**

**ସ୍ଥାନ- ମସଜିଦ୍ ମୁବାରକ ଇସଲାମାବାଦ୍ ଟେଲଫୋର୍ଡ(ବ୍ରିଟେନ୍)**

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରି ସାହାବି ହଜ଼ରତ୍ ସାଆଦ୍ ବିନ୍ ଉବାଦା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ବିଗତ କିଛି ସପ୍ତାହ ଧରି ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅଙ୍କର ଚର୍ଚ୍ଚା ଚାଲିଛି । ଆଜି ମୁଁ ତାହାର ଶେଷ ଭାଗ ସଂପର୍କରେ ବର୍ଣ୍ଣନା କରିବି । ଆଁହଜ଼ରତ ସ.ଅଙ୍କ ବିୟୋଗ ପରେ ଅନସାରମାନେ ନିଜ ମଧ୍ୟରୁ ଯାହାଙ୍କୁ ନିଜର ଖଲିଫା ରୂପେ ନିର୍ବାଚିତ କରିବାକୁ ଚାହୁଁଥିଲେ ତନ୍ମଧ୍ୟରୁ ହଜ଼ରତ ଉବାଦା ର.ଅଙ୍କ ନାମ ମଧ୍ୟ ବିଶେଷ ରୂପେ ନିଆଯାଇଥାଏ ଏବଂ ସେ ନିଜ ଜାତିର ଅଧିପତି ଥିଲେ । ଯେତେବେଳେ ହଜ଼ରତ ଅବୁ ବକର୍ ର.ଅ ଖଲିଫା ରୂପେ ନିର୍ବାଚିତ ହେଲେ ସେତେବେଳେ ହଜ଼ରତ ଉବାଦା ର.ଅ ପ୍ରକମ୍ପିତ ହୋଇଯାଇଥିଲେ । ଉକ୍ତ ସମ୍ବନ୍ଧରେ ହଜ଼ରତ ମୁଲେହ୍ ମଉଦ୍ ର.ଅ ବିସ୍ତୃତ ବିବରଣୀ ସହ ଆଲୋକପାତ କରିଛନ୍ତି ଏବଂ ଖିଲାଫତର ମର୍ଯ୍ୟାଦାପୂର୍ଣ୍ଣ ମହତ୍ତ୍ୱ ସଂପର୍କରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେଇଥିପାଇଁ ମୁଁ ଏହି ବର୍ଣ୍ଣନାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରୁଛି । ଏଥିପାଇଁ ସମୟର ଆବଶ୍ୟକତା ରହିଛି । କିନ୍ତୁ ଏହା ପୂର୍ବରୁ ଏକ ଐତିହାସିକ ପ୍ରମାଣ ମଧ୍ୟ ଉପସ୍ଥାପନ କରିବି ।

ମସନଦ୍ ଅହମଦ୍ ବିନ୍ ହମ୍ବଲର ଏକ ହଦିସରେ ଉଲ୍ଲେଖ ରହିଛି ଯେ, ହମିଦ୍ ବିନ୍ ଅବଦୁର ରହେମାନ ବର୍ଣ୍ଣନା କରନ୍ତି ଯେ. ଆଁହଜ଼ରତ ସ.ଅଙ୍କ ଇହଧାମ ସମ୍ବରଣ ସମୟରେ ହଜ଼ରତ ଅବୁ ବକର ର.ଅ ମଦିନା ମୁନୱରାର ସୀମାବର୍ତ୍ତୀ ଅଞ୍ଚଳରେ ଉପସ୍ଥିତ ଥିଲେ । ମଦିନା ଠାରେ ପହଞ୍ଚି ଅବୁ ବକର ର.ଅ ହଜ଼ରତ ଉମର୍ ର.ଅଙ୍କ ସହିତ ସକ୍ରିଫା ବନୁ ସାଆଦା ଅଭିମୁଖେ ବାହାରିଥିଲେ । ହଜ଼ରତ ଅବୁ ବକର୍ ର.ଅ ସେଠାରେ ପହଞ୍ଚି ବାର୍ତ୍ତାଳାପ ଆରମ୍ଭ କରି ଦେଇଥିଲେ । ହଜ଼ରତ ଅବୁ ବକର୍ ର.ଅ କୁରଆନ ଏବଂ ହଦିସରୁ ଅନସାରର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରିଥିଲେ । ପୁନଶ୍ଚ ହଜ଼ରତ ସାଆଦ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ ଯେ, ହେ ସାଆଦ୍ ! କ'ଣ ତୁମେ ଜାଣି ନାହଁ ଯେ, ତୁମେ ବସିଥିଲ, ଯେତେବେଳେ ଆଁହଜ଼ରତ ସ.ଅ କହିଲେ ଯେ, ଖିଲାଫତର ପ୍ରକୃତ ଅଧିକାରୀ କୁରୈଶମାନ ହିଁ ହେବେ । ହଜ଼ରତ ସଆଦ୍ ର.ଅ କହିଲେ ଯେ, ଆପଣ ସଂପୂର୍ଣ୍ଣ ସତ୍ୟ କହିଛନ୍ତି । କାରଣ ଆମେମାନେ ହେଉଛୁ ମନ୍ତ୍ରୀ ଏବଂ ଆପଣମାନେ ହେଉଛନ୍ତି ଅଧିପତି ।

ହୁଜୁର ଅନୱର ଅ.ବ କହିଲେ ତବକାତୁଲ୍ କୁବରାରେ ଉଲ୍ଲିଖିତ ଅଛି ଯେ, ନବୀ କରୀମ ସ.ଅଙ୍କ ବିୟୋଗ ପରେ ହଜ଼ରତ ଅବୁ ବକର୍ ର.ଅ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅଙ୍କ ନିକଟକୁ ସନ୍ଦେଶ ବା ବାର୍ତ୍ତା ପ୍ରେରଣ କଲେ ଯେ, ସେ ଆସି ବୈଅତ କରନ୍ତୁ । କାରଣ ଲୋକମାନେ ବୈଅତ ବା ଦୀକ୍ଷା ଗ୍ରହଣ କରିନେଇଛନ୍ତି ଏବଂ ତୁମର ଜାତି ମଧ୍ୟ ଦୀକ୍ଷା ଗ୍ରହଣ କରିନେଇଛି । ପ୍ରତ୍ୟୁତ୍ତରରେ ସେ କହିଲେ, ଈଶ୍ୱରଙ୍କର ଶପଥ କରି କହୁଛି ଯେ, ମୁଁ ସେପର୍ଯ୍ୟନ୍ତ ବୈଅତ କରିବି ନାହିଁ ଯେପର୍ଯ୍ୟନ୍ତ ମୁଁ ନିଜର ତ୍ରୋଣରେ ଥିବା ସମସ୍ତ ତୀରଗୁଡ଼ିକୁ ଶତ୍ରୁ ଆଡ଼କୁ ନିକ୍ଷେପ ନକରିଦେଇଛି ଅର୍ଥାତ୍ ସେ ଅସ୍ୱୀକାର କଲେ । ସୁତରାଂ ହଜ଼ରତ ଅବୁ ବକର ର.ଅଙ୍କୁ ଯେତେବେଳେ ଉକ୍ତ ସୂଚନାଟି ପ୍ରାପ୍ତ ହେଲା ସେତେବେଳେ ବଶୀର ବିନ୍ ସାଆଦ୍ କହିଲେ ଯେ, ହେ ରସୁଲଙ୍କ ଖଲିଫା ! ସେ ଅସ୍ୱୀକାର କରିଦେଇଛନ୍ତି । ତାଙ୍କୁ ହତ୍ୟା କରିଦେଲେ ବି ସେ ଆପଣଙ୍କ ବୈଅତ କରିବା ପରି ମନେ ହେଉ ନାହାନ୍ତି। ଆପଣ ତାଙ୍କ ଆଡ଼କୁ ଯାଆନ୍ତୁ ନାହିଁ । ସେ ଆପଣଙ୍କୁ କ୍ଷତି ପହଞ୍ଚାଇ ପାରିବେ ନାହିଁ । ତାଙ୍କ ଜାତିର ଆନେକ ବ୍ୟକ୍ତି ବୈଅତ କରିନେଇଛନ୍ତି । ହଜ଼ରତ ଅବୁ ବକର୍ ର.ଅ ହଜ଼ରତ ବଶୀର ର.ଅଙ୍କ ଉପଦେଶକୁ ଗ୍ରହଣ କରି ହଜ଼ରତ ସାଆଦ୍ ର.ଅଙ୍କୁ ଛାଡ଼ିଦେଲେ । ପୁନଶ୍ଚ ଯେତେବେଳେ ହଜ଼ରତ ଉମର ର.ଅ ଖଲିଫା ହେଲେ, ମଦିନା ମାର୍ଗରେ ହଜ଼ରତ ସାଆଦ୍ ର.ଅଙ୍କୁ ଭେଟିଲେ ସେତେବେଳେ ହଜ଼ରତ ଉମର ର.ଅ କହିଲେ ଯେ, ତୁମେ ଏବେବି ସେମିତି ରହିଛ ଯେପରି ତୁମେ ପୂର୍ବେ ଥିଲ ?

ସାଆଦ୍ ର.ଅ କହିଲେ ହଁ । ମୁଁ ସେହିପିର ଅଛି ଯେମିତି ପୂର୍ବେ ଥିଲି । ପୁନଶ୍ଚ ସେ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆପଣଙ୍କ ସାଥି ଅର୍ଥାତ ହଜ଼ରତ ଅବୁ ବକର୍ ର.ଅ ମୋତେ ଅପଣଙ୍କ ଅପେକ୍ଷା ଅଧିକ ପ୍ରିୟ ବୋଲି ମନେହେଉଥିଲେ । ଏହାପରେ ହଜ଼ରତ ସାଆଦ୍ ର.ଅ ସିରିୟା ଦେଶ ଆଡ଼କୁ ପ୍ରବାସ କଲେ । ହଜ଼ରତ ସାଆଦ୍ ର.ଅଙ୍କ ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେ ହଜ଼ରତ ଅବୁ ବକର୍ ର.ଅଙ୍କ ବୈଅତ କରିଥିଲେ । ତେଣୁ ତିବ୍ରୀ ଇତିହାସରେ ଉଲ୍ଲେଖ ଅଛି ଯେ, وَاتَّبَعُ الْقَوْمَ عَلٰى الْبَيْعَةِ وَ بَايَعَ سَعَدَ ଅର୍ଥାତ ସମଗ୍ର ଜାତି ପାଳି କରି ହଜ଼ରତ ଅବୁ ବକର ର.ଅଙ୍କର ବୈଅତ କଲେ ଏବଂ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ମଧ୍ୟ ବୈଅତ କଲେ ।

ହୁଜ଼ୁର ଅନୱର ଅ.ବ କହିଲେ : ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲେ କରୀମ୍ ସ.ଅଙ୍କ ବିୟୋଗ ପରେ ସାହାବାମାନଙ୍କ ମଧ୍ୟରେ ଖିଲାଫତକୁ ନେଇ ମତ ପାର୍ଥକ୍ୟ ଉପୁଜିଲା । ଅନସାରମାନଙ୍କର ବିଚାରଧାରା ଥିଲା ଯେ, ଖିଲାଫତ୍ ଉପରେ କେବଳ ଆମର ଅଧିକାର ରହିଛି । ବନୁ ହାଶିମ ସଂପ୍ରଦାୟ ଭାବିଲା ଯେ, ଖିଲାଫତ୍ ଉପରେ କେବଳ ଆମର ଅଧିକାର ରହିଛି । ପ୍ରବାସକାରୀମାନେ ଯେପରି ଏହା ଚାହୁଁଥିଲେ ଯେ, ଖଲିଫା କୁରୈଶରୁ ହିଁ ହେଉ । କିନ୍ତୁ ସେମାନେ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ ଉପସ୍ଥାପିତ କରୁନଥିଲେ ବରଂ ଖିଲାଫତକୁ ନିର୍ବାଚନ ଉପରେ ଛାଡ଼ିବାକୁ ଚାହୁଁଥିଲେ । ଯେତେବେଳେ ସେ ନିଜର ସେହି ଚିନ୍ତାକୁ ବ୍ୟକ୍ତ କଲେ ସେତେବେଳେ ଅନସାର ଓ ବନୁ ହାଶିମ୍ ସମସ୍ତେ ସେମାନଙ୍କ ସହ ଏକମତ ହୋଇଗଲେ । କିନ୍ତୁ ଜଣେ ସାହାବି ମୁଣ୍ଡରେ ଏହି କଥା ପଶିଲା ନାହିଁ । ଏହି ସାହାବି ଜଣକ ସେହି ସାହାବି ଅଟନ୍ତି ଯାହାଙ୍କୁ ଅନସାରମାନେ ନିଜ ମଧ୍ୟରୁ ଖଲିଫା କରିବାକୁ ଚାହୁଁଥିଲେ ଏବଂ ସେ କହିଦେଲେ ଯେ, ମୁଁ ହଜ଼ରତ ଅବୁ ବକର ର.ଅଙ୍କର ବୈଅତ କରିବାକୁ ପ୍ରସ୍ତୁତ ନୁହେଁ । ହଜ଼ରତ ଉମର ର.ଅ ଉକ୍ତ ଅବସରରେ ଏକ କଥା କହିଥିଲେ ଏବଂ ତାହା ଏହିକି ଯେ, ହଜ଼ରତ ଉମର ର.ଅ କହିଲେ ଯେ, سَعَد أُقْتُلُوا ଅର୍ଥାତ ସାଆଦଙ୍କୁ ନିହତ କରିଦିଅ । କିନ୍ତୁ ନା ସେ ନିଜେ ସାଆଦ ର.ଅଙ୍କୁ ହତ୍ୟା କଲେ ଓ ନା ହିଁ ତାଙ୍କୁ ଅନ୍ୟ କେହି ହତ୍ୟା କରି ପାରିଲେ । କେତେକ ଭାଷା ବିଶେଷଜ୍ଞମାନେ ଉଲ୍ଲେଖ କରନ୍ତି ଯେ, ହଜ଼ରତ ଉମର୍ ର.ଅଙ୍କ ଉଦ୍ଦେଶ୍ୟ କେବଳ ଏହା ଥିଲା ଯେ, ସାଆଦ୍ ର.ଅଙ୍କ ସହିତ ସମସ୍ତ ସଂପର୍କ ଛିନ୍ନ କରିନିଅ । କାରଣ ହତ୍ୟାର ଗୁହ୍ୟାର୍ଥ ଏହା ଯେ, ସଂପର୍କ ଛିନ୍ନ କରିବା ଏବଂ ଜାତି ଠାରୁ ପୃଥକ ହେବା ମଧ୍ୟ ଅଟେ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ସାଆଦ୍ ର.ଅ ହଜ଼ରତ ଉମର୍ ର.ଅଙ୍କ ଶାସନକାଳ ପର୍ଯ୍ୟନ୍ତ ଜୀବିତ ଥିଲେ ଏବଂ ହଜ଼ରତ ଉମର ର.ଅଙ୍କ ଖିଲାଫତରେ ହିଁ ସେ ସିରିୟାରେ ମୃତ୍ୟୁବରଣ କରିଥିଲେ । ତାଙ୍କୁ କେହି ହତ୍ୟା କରିପାରିନଥିଲେ । ସୁତରାଂ ଯଦି ହତ୍ୟାରୁ ଯଥାର୍ଥ ବାହ୍ୟିକ ରୂପେ ହତ୍ୟା କରିବା ଥାଆନ୍ତା ତେବେ ହଜ଼ରତ ଉମର ର.ଅ ଯିଏ କି ଅତ୍ୟନ୍ତ ଆବେଗପ୍ରାଣ ସ୍ୱଭାବର ବ୍ୟକ୍ତି ଥିଲେ । ସେ ସ୍ୱୟଂ ତାଙ୍କୁ କାହିଁକି ହତ୍ୟା ନକଲେ । ତେଣୁ ରୋୟାରେ ମଧ୍ୟ ଯଦି କୌଣସି ବ୍ୟକ୍ତି ସଂପର୍କରେ ହତ୍ୟା ହେଉଥିବାର ଦେଖାଯାଏ ତେବେ ତାହାର ଅର୍ଥ ସଂପର୍କ ଛିନ୍ନ କରିବା ଏବଂ ବାସନ୍ଦ ମଧ୍ୟ ହୋଇପାରିବ । ସେ ଯାହାହେଉ ନା କାହିଁକି ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ଜଣେ ବନ୍ଧୁ କହିଲେ ଯେ, ଜଣେ ବ୍ୟକ୍ତି ଏହି ଖୁତବା ପରେ କହିଲେ ଯେ, ସାଆଦ୍ ଅବଶ୍ୟ ବୈଅତ କରିନଥିଲେ କିନ୍ତୁ ପରାମର୍ଶରେ ତାଙ୍କୁ ନିଶ୍ଚିତ ରୂପେ ଅଂଶ ଗ୍ରହଣ କରିବାର ସୁଯୋଗ ଦିଆଯାଉଥିଲା । ହଜ଼ରତ ମୁସଲେହ୍ ମଉଦ୍ ର.ଅ କହନ୍ତି ଯେ, ଉକ୍ତ ବ୍ୟକ୍ତି ଜଣକ ଯେଉଁ କଥା କହିଛନ୍ତି ତାହାର ଦୁଇଟି ଅର୍ଥ ହୋଇପାରିବ । ଯଥା ହୁଏତ ଏହା ମୋ ଅର୍ଥର ଖଣ୍ଡନ ଅଟେ କିମ୍ବା ଏପରି କୌଣସି ଘଟଣା ଘଟି ନାହିଁ ଯେ, ଖିଲାଫତର ବୈଅତ କରିବା ଏତେ ବଡ଼ ପାପ ବୋଲି ମନେ କରିବା ସମିଚୀନ ନୁହେଁ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି : ସାହାବାମାନଙ୍କର ପରିସ୍ଥିତି ସଂପର୍କରେ ଇସଲାମୀୟ ଇତିହାସର ତିନୋଟି ପୁସ୍ତ ଅତ୍ୟନ୍ତ ବିଖ୍ୟାତ ଅଟେ । ତେହଜ଼ିବୁଲ୍ ତେହଜ଼ିବ୍, ଅସାବା ଓ ଅସଦୁଲ୍ ଗାବା । ଏହି ତିନୋଟି ପୁସ୍ତକ ମଧ୍ୟରୁ ପ୍ରତ୍ୟେକ ପୁସ୍ତକରେ ଏହା ହିଁ ଉଲ୍ଲେଖ ରହିଛି ଯେ, ସାଆଦ୍ ର.ଅ ଅନ୍ୟ ସାହାବାମାନଙ୍କ ଠାରୁ ପୃଥକ ହୋଇ ସିରିୟା ଚାଲିଗଲେ ଏବଂ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ । ହୁଜ଼ୁର ର.ଅ ବର୍ଣ୍ଣନା କରନ୍ତି ଯେ, କଥାଟି ହେଉଛି ଯେ, ସାହାବାମାନଙ୍କ ମଧ୍ୟରୁ ୬୦, ୭୦ ଜଣଙ୍କର ନାମ ସାଆଦ୍ ଥିଲା। ସେହି ସାହାବାମାନଙ୍କ ମଧ୍ୟରୁ ହିଁ ଜଣେ ସାଆଦ୍ ବିନ୍ ଅବି ୱକ୍କାସ୍ ମଧ୍ୟ ଅଟନ୍ତି । ଯିଏ ଅଶରା ମୋବଶ୍ଶରା ମଧ୍ୟରୁ ଅନ୍ୟତମ ଥିଲେ । ତେଣୁ ଏହା ଜଣାପଡୁଛି ଯେ, ଉକ୍ତ ବ୍ୟକ୍ତି ଜଣକ ସ୍ୱଳ୍ପ ଜ୍ଞାନ ଯୋଗୁଁ ସାଆଦ୍

ର.ଅଙ୍କ ଶବ୍ଦ ଶୁଣି ଏହା ନବୁଝି ନଜାଣି  ଯେ, ଏ ସାଆଦ୍ ଅନ୍ୟ ଜଣେ ବ୍ୟକ୍ତି ଅଟେନ୍ତି ଓ ସେ ସାଆଦ୍ ଆଉ ଜଣେ । ତେଣୁ ସେ ତ୍ୱରିତ ଭାବରେ ମୋ ଖୁତବା ଉପରେ ଆଲୋଚନା କରିଦେଲେ । କିନ୍ତୁ ଏପରି କଥା ମନୁଷ୍ୟର ଜ୍ଞାନର ସୀମାକୁ ପରିବର୍ଦ୍ଧିତ କରିନଥାଏ ବରଂ ତାହା ନିର୍ବୋଧତାର ରହସ୍ୟକୁ ଉନ୍ମୋଚିତ କରିଥାଏ ।

ପୁନଶ୍ଚ ହୁଜୁର ର.ଅ ବର୍ଣ୍ଣନା କରନ୍ତି ଯେ, ଖିଲାଫତ୍ ଏପରି ଏକ ଅଲୌକିକ ବସ୍ତୁ ଅଟେ ଯେ, ଯହିଁରୁ ପୃଥକ ହେବା ଫଳରେ ମନୁଷ୍ୟ କୌଣସି କ୍ଷେତ୍ରରେ ସମ୍ମାନର ଅଧିକାରୀ ହୋଇପାରିବ ନାହିଁ । ହଜ଼ରତ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କହନ୍ତି ଯେ, କ'ଣ ତୁମେ ଜାଣିଛ ଯେ, ପ୍ରଥମେ ଖଲିଫାଙ୍କର କିଏ ଶତ୍ରୁ ଥିଲା ? ପୁନଶ୍ଚ ହୁଜୁର ର.ଅ ସ୍ୱୟଂ ଏହାର ଉତ୍ତରରେ କହିଲେ ଯେ, ତୁମେମାନେ କୁରଆନ କରୀମ ପଢ ତୁମେ ଜାଣିପାରିବ ଯେ, ତାଙ୍କର ଅର୍ଥାତ ଖଲିଫାଙ୍କର ଶତ୍ରୁ ଇବଲିସ୍ ଥିଲା। ଏହାପରେ ହୁଜୁର ର.ଅ କହିଲେ ଯେ, ମୁଁ ମଧ୍ୟ ଖଲିଫା ଅଟେ ଏବଂ ଯିଏ ମୋର ଶତ୍ରୁ ସେ ମଧ୍ୟ ଇବଲିସ୍ ସଦୃଶ । ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଖଲିଫା ମାମୁର୍ ଅର୍ଥାତ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହୋଇ ନଥାଏ । ଯେପରିକି ଏହା ମଧ୍ୟ ଆବଶ୍ୟକ ନୁହେଁ ଯେ, ସେ ମାମୁର ନହେଉ । ହଜ଼ରତ ଆଦମ୍ ଅ.ସ ମାମୁର ମଧ୍ୟ ଥିଲେ ଏବଂ ଖଲିଫା ମଧ୍ୟ ଥିଲେ । ସୁତରାଂ ହଜ଼ରତ ମସିହ୍ ମଉଦ୍ ଅ.ସ ମାମୁର ବି ଥିଲେ ଏବଂ ଖଲିଫା ମଧ୍ୟ ଥିଲେ । ଯେପରି ପ୍ରତ୍ୟକ ବ୍ୟକ୍ତି ଏକ ପ୍ରକାରର ଖଲିଫା ହୋଇଥାଆନ୍ତି ସେହିପରି ଅମ୍ବିୟାମାନେ ମଧ୍ୟ ଖଲିଫା ହୋଇଥାଆନ୍ତି । କିନ୍ତୁ ଏଭଳି ମଧ୍ୟ ଖଲିଫା ହୋଇ ନଥାନ୍ତି ଯିଏ କେବେହେଲେ ମାମୁର ହୁଅନ୍ତି ନାହିଁ । ତେଣୁ ଆଜ୍ଞାବର୍ତ୍ତିତା ଦୃଷ୍ଟିକୋଣରୁ ସେମାନଙ୍କ ମଧ୍ୟରେ ଏବଂ ଅମ୍ବିୟାମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୋଇନଥାଏ । ସୁତରାଂ ଯେପରି ନବୀଙ୍କର ଆଜ୍ଞା ପାଳନ କରିବା ଆବଶ୍ୟକ ଠିକ ସେହଭଳି ଖଲିଫାଙ୍କର ମଧ୍ୟ ଆଜ୍ଞା ପାଳନ କରିବା ଆବଶ୍ୟକ ହୋଇପଡ଼ିଥାଏ । ହଁ ଏହି ଦୁହିଁଙ୍କ ମଧ୍ୟରେ ଏକପ୍ରକାରର ଆଜ୍ଞାବର୍ତ୍ତିତା କ୍ଷେତ୍ରରେ ବିଶେଷ ପାର୍ଥକ୍ୟ ରହିଛି ଏବଂ ତାହା ହେଉଛି ଯେ, ନବୀର ଆଜ୍ଞା ପାଳନ କରିବା ଓ ଆଜ୍ଞାବହତା ଏହି କାରଣ ଯୋଗୁଁ କରାଯାଇଥାଏ ଯେ, ସେ ଐଶୀବାଣୀ ଏବଂ ପବିତ୍ରତାର କେନ୍ଦ୍ରବିନ୍ଦୁ ସାଜିଥାଏ । କିନ୍ତୁ ଖଲିଫାଙ୍କର ଆଜ୍ଞା ପାଳନ ଏଇଥିପାଇଁ କରାଯାଇଥାଏ ଯେ, ସେ ଈଶ୍ୱରଙ୍କର ପ୍ରଚଳିତ ବାଣୀ ଓ ସମସ୍ତ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ଅଟନ୍ତି । ଅର୍ଥାତ ଯେଉଁ ଐଶୀବାଣୀ ନବୀ ଉପରେ ଅବତୀର୍ଣ୍ଣ ହୋଇଅଛି ତାହାକୁ ସେ ଲାଗୁ ବା କାର୍ଯ୍ୟକାରୀ କରିବେ ଏବଂ ଯେଉଁ ବ୍ୟବସ୍ଥାକୁ ନବୀ ସ୍ଥାପନ କରିଛନ୍ତି ତାହାକୁ ସୁଚାରୁ ରୂପେ ଚଳାଇବା ପାଇଁ ଖଲିଫା ଉଦ୍ଦିଷ୍ଟ । ଅତଃ ପରିଚିତ ଏବଂ ବିଦ୍ୱାନ, ଗୁଣୀ ବ୍ୟକ୍ତିମାନେ କୁହନ୍ତି ଯେ, ଅମ୍ବିୟାମାନଙ୍କୁ ବୃହତ୍ତର ପବିତ୍ରତା ହୋଇଥାଏ ଏବଂ ଖଲିଫାଙ୍କୁ କ୍ଷୁଦ୍ରୋତ୍ତର ପବିତ୍ରତା ପ୍ରାପ୍ତ ହୋଇଥାଏ । ହଜ଼ରତ ଖଲିଫା ଅୱଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ତୁମେମାନେ ମୋର ବ୍ୟକ୍ତିଗତ କର୍ମରେ ତ୍ରୁଟି କାଢି ବା ଖୋଜି ସେହି ଆଜ୍ଞାରୁ ବହିର୍ଭୂତ ହୋଇପାରିବ ନାହିଁ ଯାହାକୁ ଈଶ୍ୱର ତୁମ ଉପରେ ନ୍ୟସ୍ତ କରିଅଛନ୍ତି । କାରଣ ମୁଁ ଯେଉଁ କାର୍ଯ୍ୟ ପାଇଁ ଛିଡ଼ା ହୋଇଛି ତାହା ଅନ୍ୟ ବା ଅଲଗା ଅଟେ ଏବଂ ସେହି ବ୍ୟବସ୍ଥାଟି ହେଉଛି ଏକତା। ଅତଃ ତୁମେ ମୋର ଆଜ୍ଞା ପାଳନ କରିବା ଆବଶ୍ୟକ ବା ଉଚିତ୍ ଓ ବାଧ୍ୟତାମୂଳକ ଅଟେ। ହୁଜୁର ର.ଅ କହିଲେ ଯେ, ଯେଉଁଠି ଅମ୍ବିୟାମାନଙ୍କର ସମସ୍ତ କର୍ମ ଈଶ୍ୱରଙ୍କ ସୁରକ୍ଷା ବଳୟରେ ହୋଇଥାଏ ତ' ସେଠାରେ ଖଲିଫାମାନଙ୍କ ସଂପର୍କରେ ଈଶ୍ୱରଙ୍କର ଏହି ପରମ୍ପରା ରହିଛି ଯେ, ସେମାନଙ୍କର ସେହି ସମସ୍ତ କର୍ମଗୁଡ଼ିକ ଈଶ୍ୱରଙ୍କ ସୁରକ୍ଷା ବଳୟରେ ସମ୍ପାଦିତ ହେବ ଯାହାକି ସିଲସିଲାର ବ୍ୟବସ୍ଥା ନିମନ୍ତେ ଉନ୍ନତି ସାଧନ ସେହି ଖଲିଫାମାନଙ୍କ ଦ୍ୱାରା ହିଁ ସମ୍ପାଦିତ ହେବ ଏବଂ ସେମାନେ କେବେହେଲେ ଏପରି କୌଣସି ଭୁଲ କରିବେ ନାହିଁ ଓ ଯଦିବି କରନ୍ତି ତାହାହେଲେ ସେମାନେ ତାହା ଉପରେ ସ୍ଥିର ହୋଇ ରହିପାରିବେ ନାହିଁ । ଯାହାକି ଜମାଅତରେ ମନ୍ଦମୂଳକ ସମସ୍ୟା ସୃଷ୍ଟି କରିବ ଏବଂ ଇସଲାମର ବିଜୟକୁ ତାହାର ପରାଜୟରେ ପରିଣତ କରିଦେବ ଏବଂ ଯଦି ସେମାନେ କୌଣସି ଭୁଲ କରନ୍ତି ତେବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ସେମାନଙ୍କର ତ୍ରୁଟି ସଂଶୋଧନ କରିଥାନ୍ତି । ଯେପରି ବ୍ୟବସ୍ଥା ସଂକ୍ରାନ୍ତରେ ଖଲିଫାମାନଙ୍କର କର୍ମର ଦାୟିତ୍ୱବାନ ଖଲିଫାମାନେ ହେବେ ନାହିଁ ବରଂ ଅଲ୍ଲାଃତାଲା ଅଟନ୍ତି । ତେଣୁ କୁହାଯାଏ ଯେ, ଅଲ୍ଲାଃତାଲା ହିଁ ପୃଥିବୀ ପୃଷ୍ଠରେ ଖଲିଫା ସୃଷ୍ଟି କରିଥାଆନ୍ତି । ପୁନଶ୍ଚ କହିଲେ ଯେ, ଯଦି ଅଲ୍ଲାଃତାଲାଙ୍କ କୂଟନୀତିମୂଳକ ଯୁକ୍ତି ଲୋଡନ୍ତି ଯେ, ଖଲିଫାମାନେ ଏଭଳି କୌଣସି କଥା କରି ବସନ୍ତି ଯଦ୍ୱାରା ବା ପରିଣାମ ସ୍ୱରୂପ ବାହ୍ୟିକ ରୂପେ ତାହା ମୁସଲମାମାନଙ୍କ ପାଇଁ କ୍ଷତିକାରକ ଅଟେ । ତେବେ ସେ କ୍ଷେତ୍ରରେ ଅଲ୍ଲାଃତାଲା ଅତ୍ୟନ୍ତ ଗୁପ୍ତ ନୀତି ଦ୍ୱାରା ସେହି ତ୍ରୁଟିର ଫଳାଫଳକୁ ପରିବର୍ତ୍ତନ କରି ଦେବେ ଏବଂ ଜମାଅତ

ଅବନତି ପରିବର୍ତ୍ତେ ଉନ୍ନତି ଆଡ଼କୁ ଅଗ୍ରସର ହେବ । ସୁତରାଂ ଅମ୍ବିୟାମାନଙ୍କୁ ଉଭୟ ପ୍ରକାରର ଶକ୍ତି ସାମର୍ଥ୍ୟ ପ୍ରାପ୍ତ ହୋଇଅଛି । ଅର୍ଥାତ ବୃହତ୍ତର ପବିତ୍ରତା ଏବଂ କ୍ଷୁଦ୍ରୋତ୍ତର ପବିତ୍ରତା ମଧ୍ୟ । ସେମାନେ ବ୍ୟବସ୍ଥାର ପ୍ରଚଳନକାରୀ ଏବଂ କେନ୍ଦ୍ରବିନ୍ଦୁ ଅଟନ୍ତି ଏବଂ ଏହା ସଙ୍ଗେସଙ୍ଗେ ସେମାନେ କର୍ମକୁ ପବିତ୍ର କରୁଥିବା ଐଶୀବାଣୀର କେନ୍ଦ୍ରବିନ୍ଦୁ ମଧ୍ୟ ଅଟନ୍ତି । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ପ୍ରତ୍ୟେକ ଖଲିଫାଙ୍କ (ପାଇଁ ଏହା ଆବଶ୍ୟକ ଯେ,) ସେମାନେ କର୍ମର ପବିତ୍ରତାର କେନ୍ଦ୍ର ବିନ୍ଦୁ ନୁହନ୍ତି । ହଁ ଏପରି ହୋଇପାରିବ ଯେ, ପବିତ୍ର କର୍ମ ସହିତ ଜଡ଼ିତ କେତେକ କାର୍ଯ୍ୟରେ ସେମାନେ ଅନ୍ୟ ସନ୍ଥ ତୁଳନାରେ ନ୍ୟୁନ ହୋଇପାରିବେ ବା ପରନ୍ତି । ସୁତରାଂ ଯେଉଁଠି ଏପରି ଖଲିଫାମାନେ ଦେଖାଯିବେ ଯେଉଁମାନେ ପବିତ୍ରତାର କେନ୍ଦ୍ରବିନ୍ଦୁ ଅଟନ୍ତି ଏବଂ ସିଲସିଲା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ଅଟନ୍ତି ସେଠାରେ ଏପରି ଖଲିଫାମାନେ ମଧ୍ୟ ହୋଇପାରିବେ ବା ଦେଖାଯିବେ ଯେଉଁମାନେ ପବିତ୍ରତା ଏବଂ ସନ୍ଥତ୍ତ୍ୱରେ ଅନ୍ୟମାନଙ୍କ ତୁଳନାରେ ନ୍ୟୁନ ଥିବେ। କିନ୍ତୁ ସେମାନେ ବ୍ୟବସ୍ଥାମୂଳକ ସାମର୍ଥ୍ୟତାରେ ଅନ୍ୟମାନଙ୍କ ତୁଳନାରେ ଅଧିକ ସକ୍ଷମ ତଥା ସଫଳ ଥିବେ । କିନ୍ତୁ ପ୍ରତ୍ୟେକ ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ସେମାନଙ୍କର ଆଜ୍ଞା ପାଳନ କରିବା ବାଧ୍ୟତାମୂଳକ ଅଟେ । କାରଣ ଏକ ପକ୍ଷରେ ଦେଖିବାକୁ ଗଲେ ବ୍ୟବସ୍ଥା ରାଜନୀତି ସହିତ ସଂଶ୍ଳିଷ୍ଟ ହୋଇଥାଏ ।

ହୁଜୁର ଅନୱର ଅ.ବ କହିଲେ : ବର୍ତ୍ତମାନ ଜମାତୀୟ ରାଜନୀତି କଥା ଶୁଣି ଲୋକମାନେ ହଠାତ ସ୍ତବ୍ଧ ହୋଇଯାଇଥିବେ ଯେ, ଏ ଜମାତୀୟ ରାଜନୀତି କ'ଣ ? ଅଭିଧାନରେ  ଏହାର ଅର୍ଥ ଏହା ଉଲ୍ଲେଖ ହୋଇଛି ଯେ, **ବ୍ୟବସ୍ଥାକୁ ଚଳେଇବାର ପ୍ରକ୍ରିୟା । ମନ୍ଦକୁ ରୋକିବା ବା ଅଟକାଇବା ପାଇଁ ବ୍ୟବସ୍ଥାକୁ ପ୍ରଣୟନ କରିବା, ବୁଦ୍ଧି ଏବଂ ଚାତୁର୍ଯ୍ୟପୂର୍ଣ୍ଣ ଯୌକ୍ତିକତା ମାଧ୍ୟମରେ କାର୍ଯ୍ୟକୁ ଚଳାଇବା, ଆନ୍ତର୍ଜାତିକ ଘଟଣା ବା ବ୍ୟାପାରକୁ ସୁଚାରୁ ରୂପେ ନିର୍ବାହ କରିବାର ସାମର୍ଥ୍ୟତା ହେବା ।** ଏହା ହିଁ ପ୍ରକୃତ ରାଜନୀତି ଅଟେ । ହଜ଼ରତ ମସ୍ଲେହ୍ ମଉଦ୍ ର.ଅ ଏହି ଶବ୍ଦକୁ ସକାରାତ୍ମକ ଅର୍ଥରେ ବ୍ୟବହାର କରିଛନ୍ତି । କହିଲେ ଯେ, ଏଣୁ ଜମାଅତୀୟ ବ୍ୟବସ୍ଥାର ରାଜନୀତି ସହ ଏକ ନିର୍ଦ୍ଦିଷ୍ଟ ସୀମ ପର୍ଯ୍ୟନ୍ତ ସଂପର୍କ ରହିଥାଏ । ତେଣୁ ଖଲିଫାମାନଙ୍କ ସଂପର୍କରେ ଯଥୋଚିତ ଏହି ପକ୍ଷ ଦେଖିବାକୁ ମିଳିଥାଏ ଯେ, ସେମାନେ ବ୍ୟବସ୍ଥାପିକାର ପକ୍ଷକୁ ଅଗ୍ରାଧିକାରୀ ଦିଅନ୍ତି ଏବଂ ଧର୍ମର ସୁଦୃଢତା ପାଇଁ ତଥା ସେହି ଅର୍ଥର ସ୍ଥାପନ ପାଇଁ ଦୃଷ୍ଟିରେ ରଖିଥାନ୍ତି । ଏଣୁ ଅଲ୍ଲାଃତାଲା କୁରଆନରେ ଯେଉଁଠି ଖିଲାଫତର ଚର୍ଚ୍ଚା କରିଛନ୍ତି ସେଠାରେ ଏହା ମଧ୍ୟ କହିଛନ୍ତି ଯେ, وَلَيُمَكِّنَنَّ لَهُمْ دِينَهُمُ الَّذِي ارْتَضَىٰ لَهُمْ ଅର୍ଥାତ ଅଲ୍ଲାଃତାଲା ସେମାନଙ୍କ ଧର୍ମୀୟ ବିଶ୍ୱାସକୁ ସୁଦୃଢ କରିବେ ଏବଂ ସେହି ଧର୍ମକୁ ହିଁ ସଂସାରରେ ବିସ୍ତାରିତ ବା ସଂପ୍ରସାରିତ କରିବେ । ସୁତରାଂ ଯେଉଁ ଧର୍ମକୁ ଖଲିଫାମାନେ ଉପସ୍ଥାପନ କରନ୍ତି ତାହା ଅଲ୍ଲାଃତାଲାଙ୍କ ସୁରକ୍ଷା ଦାୟିତ୍ୱରେ ହିଁ ହୋଇଥାଏ । କିନ୍ତୁ ତାହା କ୍ଷୁଦ୍ର ସୁରକ୍ଷା ହୋଇଥାଏ । ହୁଜୁର ର.ଅ କହନ୍ତି ଯେ, ହୁଏତ ସେମାନେ କୌଣସି ଅଂଶରେ ତ୍ରୁଟି କରିପାରନ୍ତି ଏବଂ ଖଲିଫାମାନଙ୍କ ମଧ୍ୟରେ ପାରସ୍ପରିକ ମତାନ୍ତର ମଧ୍ୟ ଘଟିପାରେ । କିନ୍ତୁ ତାହା ଅତ୍ୟନ୍ତ ନଗଣ୍ୟ କଥା ହୋଇଥାଏ, କିନ୍ତୁ ନୈତିକ କଥାରେ ସେମାନଙ୍କ ମଧ୍ୟରେ କେବେହେଲେ ମତପାର୍ଥକ୍ୟ ଦେଖାଯାଇ ନଥାଏ। ତେଣୁ ଏହା କହି ଦେବା ଯେ, କୌଣସି ବ୍ୟକ୍ତି ବୈଅତ ନ କରି ଏହିପରି ସ୍ଥାନରେ ଅଧିଷ୍ଠିତ ହୋଇ ରହିପାରିବ କି ? ଯେଉଁ ସ୍ଥାନରେ ଦୀକ୍ଷା ଗ୍ରହଣକାରୀ, ବାସ୍ତବରେ ଏହା ପ୍ରକାଶ କରେ ଯେ, ଏପରି ବ୍ୟକ୍ତି କଦାପି ବୁଝାଇ ପାରିବ ନାହିଁ ଯେ, ବୈଅତ୍  ଓ ବ୍ୟବସ୍ଥା କ'ଣ ଅଟେ । ପରାମର୍ଶ ସଂପର୍କରେ ଏହା ମଧ୍ୟ ମନେରଖିବା ଉଚିତ୍ ଯେ, ଜଣେ ବିଶେଷଜ୍ଞ ଏବଂ ଶିଳ୍ପ ବା କଳାରେ ନିପୂଣ ଥିବା ବ୍ୟକ୍ତି ଅନ୍ୟ ଧର୍ମାବଲମ୍ବୀ ହେଉ ନା କାହିଁକି, ସେହି ବ୍ୟକ୍ତି ଠାରୁ ପରାମର୍ଶ ମଧ୍ୟ ଗ୍ରହଣ କରାଯାଇଥାଏ । ହଜ଼ରତ ମସିହ୍ ମଉଦ୍ ଅ.ସ ଗୋଟିଏ ମକଦମାରେ ଜଣେ ଇଂଗ୍ରେଜ ଓକିଲ ଠାରୁ ପରାମର୍ଶ ଗ୍ରହଣ କରିଥିଲେ । ଏହାର ଅର୍ଥ ଏହା ନଥିଲା ଯେ, ହୁଜୁର ଅ.ସ ନବୁୱତ୍ ପରି ବିଷୟରେ ତାହାଠାରୁ ପରାମର୍ଶ ଗ୍ରହଣ କରୁଥିଲେ । ହୁଜୁର ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁଁ ଅସୁସ୍ଥ ରହୁଥିଲି ସେତେବେଳେ ମୁଁ ଇଂଗ୍ରେଜ ଡ଼ାକ୍ତରମାନଙ୍କ ଠାରୁ କେତେକ ପରାମର୍ଶ ଗ୍ରହଣ କରୁଥିଲି । କିନ୍ତୁ ଏହାର ଅର୍ଥ ଏହା ନୁହଁ ଯେ, ଖିଲାଫତରେ ମଧ୍ୟ ମୁଁ ସେମାନଙ୍କ ଠାରୁ ପରାମର୍ଶ ନେଇଥିଲି କିମ୍ବା ସେମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥାଏ କିମ୍ବା ମୁଁ ସେମାନଙ୍କୁ ସେହିଭଳି ସ୍ଥାନର ଅଧିକାରୀ ବୋଲି ମନେକରୁଛି ଯେଉଁ ସ୍ଥାନରେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କର ସାହାବାମାନଙ୍କୁ ମନେ କରୁଛି । ତେଣୁ ଯଦି ଏହା ଧରିନିଆଯାଏ ଯେ, ସାଆଦ୍ ବିନ୍ ଉବାଦା ର.ଅଙ୍କ ଠାରୁ କୌଣସି ସାଂସାରିକ ବିଷୟରେ, ଯେଉଁ କଳାରେ ସେ ବିଶେଷଜ୍ଞ ବା ନିପୂଣ ଅଟନ୍ତି, ତାଙ୍କ ଠରୁ ପରାମର୍ଶ ଗ୍ରହଣ କରିବା ଯଦିବି ପ୍ରମାଣିତ ହୁଏ । ତେବେ ଏହା ମଧ୍ୟ କୁହାଯାଇ ପାରିବ ନାହିଁ ଯେ, ପରାମର୍ଶରେ ସେ ଅଂଶ ଗ୍ରହଣ କରୁଥିଲେ । ତାଙ୍କ ସମ୍ବନ୍ଧିତ ଯେକୌଣସି  ସଠିକ୍

ବିବରଣୀ ମଧ୍ୟ ଏପରି ବର୍ଣ୍ଣିତ ହୋଇ ନାହିଁ ଯେଉଁଥିରେ ଏହା ଉଲ୍ଲେଖ ଥିବ ଯେ, ସେ ପରାମର୍ଶରେ ଅଂଶ ଗ୍ରହଣ କରୁଥିଲେ । ବରଂ ସେ ତ' ମଦିନା ଛାଡ଼ି ସିରିୟା ଆଡ଼କୁ ଚାଲି ଯାଇଥିଲେ । ତାଙ୍କ ମୃତ୍ୟୁ ସଂପର୍କରେ ସାହାବାମାନେ କୁହନ୍ତି ଯେ, ତାଙ୍କୁ ଦେବଦୂତମାନେ କିମ୍ବା ଜିନ୍‌ମାନେ ମାରି ଦେଇଥିଲେ । ସେମାନଙ୍କ ନିକଟରେ ତାଙ୍କର ମୃତ୍ୟୁ ଏପରି ଢଙ୍ଗରେ ହୋଇଥିଲା ଯେପରି ଅଲ୍ଲାଃତାଲା ତାଙ୍କୁ ନିଜର ବିଶେଷ କର୍ମ ଯୋଗୁଁ ସ୍ୱର୍ଗପୁରକୁ ନେଇଯାଇଥିଲେ । କାରଣ ସେ ଯେପରି ହତଭାଗ୍ୟ ବା ନିର୍ଦୟୀର କାରଣ ନହୁଅନ୍ତୁ । କାରଣ ସେ ଜଣେ ବଦରୀ ସାହାବି ଥିଲେ । ତାଙ୍କ ଦ୍ୱାରା ଏପରି କୌଣସି ଅତିରିକ୍ତ ଗତିବିଧି ହୋଇ ନାହିଁ ଯଦ୍ୱାରା ତାଙ୍କର ସେହି ପଦ ବା ଗାରିମା କ୍ଷୁର୍ଣ୍ଣ ହେବ । କିନ୍ତୁ ସେ ଯାହାହେଉନା କାହିଁକି ସେ ପୃଥକ ହୋଇଯାଇଥିଲେ ।

ଏହି ବର୍ଣ୍ଣନାଟି ଏହା ସୂଚାଇ ଦେଉଛି ଯେ, ସାହାବାମାନେ ତାଙ୍କ ଠାରୁ ସନ୍ତୁଷ୍ଟ ନଥିଲେ । ଅନ୍ୟଥା ସେମାନେ କିପରି କହିପାରି ଥାଆନ୍ତେ ଯେ, ତାଙ୍କୁ ଦେବଦୂତମାନେ ଓ ଜିନମାନେ ମାରି ଦେଇଥିଲେ । ଏଣୁ ଏହା ଭାବିବା ଯେ, ଖିଲାଫତର ବୈଅତ କରିବା ବିନା ମନୁଷ୍ୟ ଇସଲାମୀୟ ବ୍ୟବସ୍ଥାରେ ନିଜର ସ୍ଥିତିକୁ ବଜାୟ ରଖିପାରିବ, ବରଂ ତାହା ଘଟଣାବଳୀ ଏବଂ ଇସଲାମୀୟ ଶିକ୍ଷା ବିରୁଦ୍ଧୀୟ ଅଟେ ଏବଂ ଯେଉଁ ବ୍ୟକ୍ତି ଏହି ପ୍ରକାରର ଚିନ୍ତାଧାରାକୁ ନିଜ ମନରେ ବସା ବାନ୍ଧି ରଖଛିବା ପ୍ରଶୟ ଦେଉଛି, ମୁଁ ଭାବି ପାରୁ ନାହିଁ ଯେ, ସେହି ବ୍ୟକ୍ତି ବୈଅତର ଟିକିଏ ହେଲେ ଅର୍ଥ ବୁଝୁଥିବ । ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅଙ୍କ ମୃତ୍ୟୁ ହୁରାନେ ସିରିୟା ଦେଶରେ ହଜ଼ରତ ଉମର ର.ଅଙ୍କ ଖଲିଫା ନିର୍ବାଚିତ ହେବାର ଅଢେଇ ବର୍ଷ ପରେ ହୋଇଥିଲା । ଯେତେବେଳେ ସାଆଦ୍ ବସିକି ପରିସ୍ରା କରୁଥିଲେ ସେତେବେଳେ ତାଙ୍କୁ ହତ୍ୟା କରିଦିଆଯାଇଥିଲା ଏବଂ ସେ ସେହି ସମୟରେ ହିଁ ମୃତ୍ୟୁ ବରଣ କରିଥିଲେ । ହଜ଼ରତ ସାଆଦ୍ ର.ଅଙ୍କ କବର ଦମିଶ୍କର ନିକଟବର୍ତ୍ତୀ ପାର୍ଶ୍ୱରେ **ମନିହା** ନାମକ ଗ୍ରାମରେ ଅବସ୍ଥିତ ଅଟେ । ହୁଜୁର ଅନୱର ଅ.ବ କହିଲେ ଯେ, ବର୍ତ୍ତମାନ ଏହାପରେ ମୁଁ ଦୁଇ ଜଣ ସ୍ୱର୍ଗତଙ୍କର ଚର୍ଚ୍ଚା କରିବି । ଯାହାଙ୍କର ନମାଜ୍ ଯନାଜାଃ ବର୍ତ୍ତମାନ ନମାଜ଼ ପରେ ପଢେଇବି ଇନଶାଅଲ୍ଲାଃ । ପ୍ରଥମ ଯନାଜାଃ ହେଉଛି ସ୍ୱର୍ଗତ ସୟେଦ୍ ମହମ୍ମଦ ସରୱର୍ ସାହେବ, ଯିଏ ସଦର ଅଞ୍ଜୁମନ୍ ଅହମଦିୟା କାଦିୟାନର ସଦସ୍ୟ ଥିଲେ । ଜାନୁୟାରୀ ୮ ତାରିଖରେ ୮୫ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କରିଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ ସେ ସୁଙ୍ଗୁଡ଼ା ନାମକ ସ୍ଥାନ, ଓଡ଼ିଶା ରାଜ୍ୟର ଜଣେ ବିଶିଷ୍ଟ ତଥା ନିଷ୍ଠାପର ଅହମଦି ବଂଶୀୟ ବ୍ୟକ୍ତି ଥିଲେ । ତାଙ୍କର ଅଜା ସ୍ୱର୍ଗତ ଅବଦୁଲ୍ ଅଲୀମ୍ ସାହେବ ଜଣେ ବାଗ୍ମୀ ତଥା ଉଚ୍ଚ ବିଦ୍ୱାନ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜ଼ାଃ ହେଉଛି ସ୍ୱର୍ଗତା ଶୌକତ୍ ଗୌହର୍ ସାହେବାଙ୍କ । ଯିଏକି ଡ଼.ଲତିଫ୍ ଅହମଦ କୁରୈଶୀ ସାହେବ ରବୱାଙ୍କ ସ୍ତ୍ରୀ ଥିଲେ ଏବଂ ସ୍ୱର୍ଗତ ମୌଲାନା ଅବଦୁଲ୍ ମାଲିକ ଖାନ ସାହେବଙ୍କ ସୁପୁତ୍ରୀ ଥିଲେ । ଜାନୁୟାରୀ ୫ ତାରିଖରେ ୭୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲା ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ପୁଣ୍ୟବାନ ହୁଅନ୍ତୁ ଏବଂ ଧର୍ମର ସେବକ ହୁଅନ୍ତୁ ଏବଂ ଖିଲାଫତ ସହିତ ସେମାନଙ୍କର ବିଶ୍ୱସ୍ତତା ଏବଂ ଦୃଢ ସଂପର୍କ ସ୍ଥାପନ ହେଉ ।

.......................................

KHULASA KHUTBA JUMA HUZOOR ANWAR a.b.a

17th Jan 2020

..................